## ସାପ କାମୁଡ଼ାରେ ଯୁବକ ମୃତ

ବାସୁଦେବପୁର, (ଡି.ଏନ୍.ଏ.)-ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଗୁଆଗଡ଼ିଆ ପଞ୍ଚାୟତରେ ୫ ନଂ ୱାର୍ଡର ଗଦାଧର ମଲିକଙ୍କର ପୁଅ ଛଟିନ୍ଦ୍ର ମଲିକ(୨୦)ଙ୍କର ସାପ କାମୁଡ଼ାରେ ରବିବାର ଅପରାହ୍ନରେ ମୃତ୍ୟୁ ହୋଇଛି। ଛଟିନ୍ଦ୍ର ଶୋଇଥିବା ବେଳେ ତାଙ୍କୁ ଏକ ବିଷଧର ସାପ କାମୁଡ଼ି ଦେଇଥିଲା। ସଂଜ୍ଞାହୀନ ଅବସ୍ଥାରେ ଛଟିନ୍ଦ୍ରଙ୍କୁ ଚିକିତ୍ସା ପାଇଁ ବାସୁଦେବପୁର ଡାକ୍ତରଖାନାକୁ ଅଣାଯାଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।



## ସଂକ୍ଷେପରେ

### ଲୁଟିନେଲେ ଦେଢ଼ଲକ୍ଷ

**ଉଦଳା, ୨୨।୯ (ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଭାଲିଆଡିହା ଗ୍ରାମର ପଟେଲ ସୋରେନ୍ ନିଜ ପୁଅ ସହିତ ଉଦଳା ଆସିଥିଲେ । ଉଦଳା ଷ୍ଟେଟ ବ୍ୟାଙ୍କରୁ ସେ ଏକ ଲକ୍ଷ ଟଙ୍କା ଉଠାଇଥିଲେ। ପୂର୍ବରୁ ତାଙ୍କ ନିକଟରେ ଥିବା ୧୫ ହଜାର ଟଙ୍କାକୁ ମିଶାଇ ମୋଟ ଏକ ଲକ୍ଷ ୧୫ ହଜାର ଟଙ୍କାକୁ ଏକ ବ୍ୟାଗରେ ପୁରାଇ ତାହାକୁ ଧରିଥିଲେ । ପଟେଲ ଉଦଳା ବଜାରର ଏକ ଦୋକାନରେ ନିଜ ଟଙ୍କା ବ୍ୟାଗକୁ ଧରି ଏକ ଚେୟାରରେ ବସିଥିବା ବେଳେ ହଠାତ୍ ଦୁଇ ଲୁଟେରା ଆସି ଟଙ୍କା ବ୍ୟାଗକୁ ଛଡାଇ ନେଇ ସେଠାରୁ ବାଇକରେ ଚାଲିଯାଇଥିଲେ। ତେବେ ସ୍ଥାନୀୟ କେତେକ ଯୁବକ ତାଙ୍କ ପଛରେ ଗୋଡାଇଥିଲେ ସୁଦ୍ଧା ଲୁଟେରାମାନଙ୍କ ଟେର ପାଇପାରି ନ ଥିଲେ। ଏ ନେଇ ପଟେଲ ସୋରେନ୍ ଉଦଳା ଥାନାରେ ଲିଖିତ ଅଭିଯୋଗ କରିଥିବା ବେଳେ ପୋଲିସ୍ ଘଟଣାର ତଦନ୍ତ ଆରମ୍ଭ କରିଛି । ତେବେ ଗତ ତିନି ମାସ ମଧ୍ୟରେ ଉଦଳାରେ ଚୋରି ରାହାଜାନି ଏତେ ମାତ୍ରାରେ ବଢ଼ିଛି ଯେ ଲୋକେ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି।

### ୬ଶିକାରୀ ଗିରଫ

**ଖୁଣ୍ଟା , ୨୨।୯ (ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟର ଡୁକୁରା ବନ୍ୟ ପ୍ରାଣୀ ରେଞ୍ଜ ଅଧୀନରେ ମଙ୍ଗଳବାର ମଧାହ୍ନରେ ବନ କର୍ମଚାରୀ ମାନେ ୬ ଜଣ ଶିକାରୀଙ୍କୁ ପୋଲିସ ଗିରଫ କରିବା ସହିତ ସେମାନଙ୍କ ନିକଟରୁ ୪ଟି ଦେଶୀବନ୍ଧୁକ , ଫାସ ,ବିସ୍ଫୋରକ ଓ ଅନ୍ୟାନ୍ୟ ସାମଗ୍ରୀ ଇତ୍ୟାଦି ଜବତ କରିଛି। ଶିକାରୀ ମାନେ ହେଲେ କାସିକୁଣ୍ଡଳ ଗ୍ରାମର ମଧୁ ନାଏକ ,ଉତ୍ତମ ଭକ୍ତା ,ଗଜେନ୍ଦ୍ର କଟୁଆଳ, ଗାଲୁ ନାଏକ, ସୁଦର୍ଶନ କଟୁଆଳ ଓ ଶତ୍ରୁଘନ କଟୁଆଳ ।

### ଗଞ୍ଜେଇ ଜବତ: ଜଣେ ଗିରଫ

**ବାରିପଦା ଅଫିସ, ୨୨।୯:** ବାରିପଦା ଟାଉନ ଥାନା ପୋଲିସ ଚଢ଼ାଉ କରି ୯କେଜି ୪ଶହ ଗ୍ରାମ ଗଞ୍ଜେଇ ଜବତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଛି । ଅଭିଯୁକ୍ତ ଜଣକ ହେଲେ କୁଳିଅଣା ଥାନା ସାନପାଳସା ଗ୍ରାମର ଶ୍ୟାମସୁନ୍ଦର ମହୁଆଳ(୨୬) । ଏ ସଂକ୍ରାନ୍ତରେ ପୋଲିସ ଏକ ମାମଲା (ନଂ. ୬୪୫/୨୦) ରୁଜୁ କରି ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରିଛି। ବାଙ୍ଗରିପୋଷି ଥାନା ଅଧୀନ ବୁଢ଼ାମରା ଅଞ୍ଚଳରୁ ବେଆଇନ ଗଞ୍ଜେଇ ଆଣି ବାରିପଦା ଭଞ୍ଜପୁର ଅଞ୍ଚଳ ଦେଇଯାଉଥିବା ଖବରପାଇ ଟାଉନ ଥାନା ପୋଲିସ ଚଢ଼ାଉ କରିଥିଲା । ଅଭିଯୁକ୍ତଙ୍କଠାରୁ ଏକ ଜରି ଅଖାରେ ଭର୍ତ୍ତି ହୋଇଥିବା ୯ କେଜି ୪ଶହ ଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ଏହାର ଆନୁମାନିକ ମୂଲ୍ୟ ୫୦ହଜାରରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ଟାଉନ ଥାନା ଆଇଆଇସି ବୀରେନ୍ଦ୍ର ସେନାପତି ପ୍ରକାଶ କରିଛନ୍ତି ।

### ପଢ଼ିଆରିପଲ୍ଲୀରେ ହାତୀ ଉପଦ୍ରବ

**ହାଟଡିହୀ, ୨୨।୯(ଡି.ଏନ.ଏ.):** କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ପଢ଼ିଆରିପଲ୍ଲୀରେ ହାତୀ ଉତ୍ପାତ ଦେଖା ଦେଇଛି । ଏକ ଦନ୍ତା ଚାଷୀଙ୍କ ଚାଷ ଜମିରେ କ୍ଷୟ କ୍ଷତି ଘଟାଇ ଚାଲିଛି । ଫଳରେ ଚାଷୀଙ୍କୁ କ୍ଷତି ସହିବାକୁ ପଡିଛି । ଗ୍ରାମର ଆନନ୍ଦ ଚନ୍ଦ୍ର ଜେନାଙ୍କ ସମେତ ଅନ୍ୟ ଲୋକଙ୍କ ଧାନ ଫସଲ ନଷ୍ଟ ହୋଇଛି । ପ୍ରାୟ ପାଞ୍ଚ ଏକରରୁ ଊର୍ଦ୍ଧ୍ୱ ଧାନ ଫସଲ ନଷ୍ଟ ହୋଇ ଥିବା ବେଳେ କ୍ଷତି ପୂରଣ ସହ ପାଇଁ ଦାବି ହୋଇଛି।

# ଓଏମ୍‌ବିଏଡିସି ଟଙ୍କା ଠିକ୍ ଖର୍ଚ୍ଚ ହେଉ ନ ଥିବା ଅଭିଯୋଗ

**କେନ୍ଦୁଝର, ୨୨।୯ (ସ୍ୱ.ପ୍ର.)**

ଓଡ଼ିଶା ମିନେରାଲ ବିୟରିଂ ଏରିଆସ୍ ଡେଭେଲପମେଣ୍ଟ କର୍ପୋରେଶନ (ଓଏମ୍‌ବିଏଡିସି) ଅର୍ଥ ଖଣି ପ୍ରଭାବିତ ଅଞ୍ଚଳରେ ଠିକ୍ ଭାବେ ଖର୍ଚ୍ଚ ହେଉନାହିଁ ବୋଲି ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ କେନ୍ଦୁଝର ନାଗରିକ ମଞ୍ଚ ସଭାପତି କିରଣ ଶଙ୍କର ସାହୁ ଏହି ଅଭିଯୋଗ କରିଛନ୍ତି ।

ସର୍ବୋଚ୍ଚ ନ୍ୟାୟାଳୟ ରାଜ୍ୟରେ ୨୦୧୪ ଡିସେମ୍ବର ୩୧ରେ ଓଏମ୍‌ବିଏଡିସିର ପ୍ରତିଷ୍ଠା କରିଛନ୍ତି। ଖଣି ପ୍ରଭାବିତ ଜିଲାର ଓ ସ୍ଥାନୀୟ ଅଧିବାସୀଙ୍କ ସାମୂହିକ ବିକାଶ ତଥା ପରିବେଶ ସୁରକ୍ଷା ଏହାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଜଣାପଡିଛି। ଏହା ଦ୍ୱାରା ଜିଲାର ଭିତ୍ତିଭୂମିର ବିକାଶ ହେବା ସହ ଲୋକଙ୍କ ଜୀବନଜୀବିକା ସୁଦୃଢ଼ ହେବ ବୋଲି ଜିଲାବାସୀ ଆଶା ରଖିଛନ୍ତି। ଏହାର ତଦାରଖ ପାଇଁ ସର୍ବୋଚ୍ଚ ନ୍ୟାୟାଳୟ ଜଷ୍ଟିସ ଅନଙ୍ଗ କୁମାର ପଟ୍ଟନାୟକଙ୍କୁ ନିଯୁକ୍ତି ଦେଇଛନ୍ତି। ଏହି ଜିଲା ସର୍ବାଧିକ ରାଜସ୍ୱ ଓଏମ୍‌ବିଏଡିସିକୁ ଦେଇଥିଲେ ହେଁ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଗଠନ କରାଯାଇଥିବା ଓଏମ୍‌ବିଏଡିସି ବୋର୍ଡ ଏହି କେନ୍ଦୁଝର ଜିଲାକୁ ଅବହେଳା କରିଥିବା ମଞ୍ଚ ପକ୍ଷରୁ ଅଭିଯୋଗ କରାଯାଇଛି। ସର୍ବୋଚ୍ଚ ନ୍ୟାୟାଳୟଙ୍କ ଗାଇଡ୍‌ଲାଇନ୍ ଅନୁଯାୟୀ, ରାଜ୍ୟ ସରକାର ପ୍ରତ୍ୟେକ ଖଣିଖାଦାନ ଜିଲା ସ୍ତରରେ ଓଏମ୍‌ବିଏଡିସି ସେଲ୍ ଗଠନ କରିଛନ୍ତି। କିନ୍ତୁ କେନ୍ଦୁଝର ସମେତ ଅନ୍ୟ ଜିଲାରେ ଏହା ଅଦ୍ୟାବଧି ଗଠନ କରାଯାଇନାହିଁ। ଫଳରେ ଖଣିଖାଦାନ ଦ୍ୱାରା କେନ୍ଦୁଝର ଜିଲାବାସୀ ଗମନାଗମନ, ପାନୀୟ ଜଳ, ଶିକ୍ଷା, ସ୍ୱାସ୍ଥ୍ୟ ଭଳି ଗୁରୁତର ସମସ୍ୟା ମଧ୍ୟରେ ରହୁଥିବା ବେଳେ ମୌଳିକ ସୁବିଧାରୁ ବଞ୍ଚିତ ରହୁଛନ୍ତି । ସେଥିଲାଗି ଅସନ୍ତୋଷ ପ୍ରକାଶ ପାଉଛି । ତେବେ ଓଏମ୍‌ବିଏଡିସି ଅର୍ଥ କାହା ପାଇଁ ବୋଲି ଜିଲାବାସୀ ପ୍ରଶ୍ନ ଉଠାଇଛନ୍ତି । ଓଏମ୍‌ବିଏଡିସି ଫଣ୍ଡରୁ ରାଜ୍ୟ ସରକାର ୬୦ ପ୍ରତିଶତରୁ ଅଧିକ ଅର୍ଥ ସୁଧରେ ଲୋନ ନେଇ ପାରିବେ ନାହିଁ । ଏନେଇ ରଖିଥିବା ସର୍ତ୍ତ ମୁତାବକ ପ୍ରତ୍ୟେକ ୬ ମାସରେ ସୁଧ ଅର୍ଥ ଓଏମ୍‌ବିଏଡିସି ଫଣ୍ଡରେ ଜମା ହେବ। ତେବେ ରାଜ୍ୟ ସରକାର ସମୁଦାୟ ୧୬୬୨୧ କୋଟିରୁ ପ୍ରାୟ ୧୬୫୨୬ କୋଟି ଟଙ୍କା ( ୯୯.୪ ପ୍ରତିଶତ) ଲୋନ ଆକାରରେ ନେଇଯାଇଛନ୍ତି। ଓଏମ୍‌ବିଏଡିସି ଫଣ୍ଡରେ ମାତ୍ର ୯୫ କୋଟି ଟଙ୍କା ରହିଥିବା ମଞ୍ଚ ପକ୍ଷରୁ ଓଏମ୍‌ବିଏଡିସି ତଦାରଖ କରୁଥିବା ଜଷ୍ଟିସ ପଟ୍ଟନାୟକଙ୍କୁ ସେପ୍ଟେମ୍ବର ୧୭ରେ ଚିଠି ଲେଖିଥିଲେ। ତେବେ ଏହି ଅର୍ଥ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନୀତିନିୟମ ଅନୁଯାୟୀ ଦିଆଯାଇଛି। ପ୍ରତ୍ୟେକ ୬ ମାସରେ ଏହାର ସୁଧ ଆଦାୟ ହେବ। ଏଣୁ ରାଜ୍ୟ ସରକାରଙ୍କ ପାଖରେ ବିନିଯୋଗ ହୋଇଥିବା ଓଏମ୍‌ବିଏଡିସି ଅର୍ଥ ନ ଫେରିବା ଦାବି ନିରାଧାର ବୋଲି ଜଷ୍ଟିସ ପଟ୍ଟନାୟକ ମଞ୍ଚକୁ ସେପ୍ଟେମ୍ବର ୧୮ରେ ଚିଠି ଲେଖି ଜଣାଇଛନ୍ତି।

# ଖଣି କ୍ୱାରିରୁ ଗଳିତ ମୃତଦେହ ଉଦ୍ଧାର

**ବଡବିଲ, ୨୨।୯(ସ୍ୱ.ପ୍ର.)**

### ମୃତ୍ୟୁର କାରଣ ଅସ୍ପଷ୍ଟ

କେନ୍ଦୁଝର ଜିଲା ରୁଗୁଡି ଥାନା ଅନ୍ତର୍ଗତ ଟଣ୍ଟୋସ୍ଥିତ ଏକ ଲୌହ ଖଣିରୁ ଏକ ଗଳିତ ମୃତଦେହକୁ ପୋଲିସ ଉଦ୍ଧାର କରି କଟକସ୍ଥିତ ଫରେନ୍‌ସିକ୍ ଲ୍ୟାବକୁ ପଠାଇଥିବା ଜଣାପଡିଛି। ସୂଚନା ଅନୁଯାୟୀ, ମଙ୍ଗଳବାର ପୂର୍ବାହ୍ନରେ ଯୋଡା ଖଣି ମଣ୍ଡଳ ତଥା ରୁଗୁଡି ଥାନା ଅନ୍ତର୍ଗତ ଟଣ୍ଟୋସ୍ଥିତ ଏକ ଲୌହ ଖଣି କ୍ୱାରୀର ତୃତୀୟ ବେଞ୍ଚ୍‌ରୁ ଏକ ଗଳିତ ମୃତଦେହ ସୂଚନା ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଗଳିତ ମୃତଦେହଟି ଜଣେ ପୁରୁଷଙ୍କର ହୋଇଥିବା ପୋଲିସ ଅନୁମାନ କରୁଥିବାବେଳେ ପରିଚୟ ମିଳିପାରିନାହିଁ। ହେଲେ ଏହି ଗଳିତ ମୃତଦେହଟି ପ୍ରାୟ ଏକ ମାସରୁ ଊର୍ଦ୍ଧ୍ୱ ଦିନ ହେବ ପଡିଥିବା ପୋଲିସ ଅନୁମାନ କରିଛି। ଖଣି ପରିସରରେ ଦୀର୍ଘ ଦିନ ଧରି ଏକ ମୃତଦେହ ପଡିଥିଲେ ହେଁ ଖଣି କର୍ତ୍ତୃପକ୍ଷ କିଭଳି ଜାଣିପାରି ନ ଥିଲେ ସେ ନେଇ ସନ୍ଦେହ ଉପୁଜିଛି। ତେବେ ମୃତକଙ୍କର ପରିଚୟ ମିଳି ନ ଥିବା ଓ ଗଳିତ ହୋଇଥିବା ଯୋଗୁ ମୃତ୍ୟୁର କାରଣ ନେଇ ପୋଲିସର ତଦନ୍ତରେ ବାଧା ଉପୁଜିଛି। ଫଳରେ ପୋଲିସ ରୁଗୁଡି ଥାନା ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହଟିକୁ କଟକସ୍ଥିତ ଏଫଏମଟି ବିଭାଗକୁ ପଠାଇଥିବା ରୁଗୁଡି ଥାନା ଦାୟିତ୍ୱରେ ଥିବା ବଡବିଲ ଥାନା ଇନ୍ସପେକ୍ଟର ସୁଶାନ୍ତ ଦାଶ ସୂଚନା ଦେଇଛନ୍ତି।

# ଜିଲା କଂଗ୍ରେସର ଜାତୀୟ ରାଜପଥ ଅବରୋଧ




କଂଗ୍ରେସର ପକ୍ଷରୁ ରାସ୍ତାରୋକୋ କରାଯାଇଛି।

**ଭଦ୍ରକ ଅଫିସ, ୨୨।୯**

ଭଦ୍ରକ ଜିଲା କଂଗ୍ରେସ ପକ୍ଷରୁ ମଙ୍ଗଳବାର ବିଭିନ୍ନ ଦାବି ନେଇ ଜାତୀୟ ରାଜପଥ ୧୬ ନୂଆ ବସ୍‌ଷ୍ଟାଣ୍ଡ ଠାରେ ଶତାଧିକ କର୍ମୀଙ୍କ ଦ୍ୱାରା ଅବରୋଧ ହୋଇଥିଲା। ଜିଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ନଳିନୀ ମହାନ୍ତିଙ୍କ ନେତୃତ୍ୱରେ କର୍ମୀମାନେ ରାସ୍ତା ଅବରୋଧ କରି ରାସ୍ତା ଉପରେ ବସି ରହିଥିଲେ। ଫଳରେ ରାଜପଥର ଉଭୟ ପକ୍ଷରେ ହଜାର ହଜାର ଟ୍ରକ, ବସ୍ ଅଟକି ରହିଥିଲା। ପ୍ରାୟ ୨ ଘଣ୍ଟା ବାଲେଶ୍ୱର-ଭଦ୍ରକ ରାସ୍ତା ଅବରୋଧ ହୋଇଥିଲା। ଘଟଣା ସ୍ଥଳରେ ଭାରପ୍ରାପ୍ତ ଉପଜିଲାପାଳ ମନୋରମା ଭୂୟାଁ, ଏସ୍‌ଡିପିଓ ସାର୍ଥକ ରାୟ, ଟାଉନ ଥାନାଧିକାରୀ ଚନ୍ଦନ ଘଡ଼େଇ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଆଗାମୀ ସପ୍ତାହରେ ସମସ୍ତ ବିଷୟ ଉପରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଶେଷରେ ଏକ ପ୍ରତିନିଧି ଦଳ ଜିଲାପାଳ ଡ. ଜ୍ଞାନ ରଞ୍ଜନ ଦାସଙ୍କ ସହ ସାକ୍ଷାତ୍ କରି ଉପରୋକ୍ତ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। କଂଗ୍ରେସ ନେତା ସୁବ୍ରତ ଦାସ, ଅସରଫ୍ ଅଲ୍ଲୀ, ଶେଖ୍ ସମ୍‌ଦାନୀ, ଗୁଲାମ ମଇଉଦ୍ଦିନ, ବିଜୟ ବାରିକ ପ୍ରମୁଖ ରାସ୍ତାରୋକୋରେ ନେତୃତ୍ୱ ନେଇଥିଲେ।

# ବିଭିନ୍ନ ସଙ୍ଗଠନ ପକ୍ଷରୁ ବନ୍ଦ ଡାକରା

**ବାରିପଦା ଅଫିସ,୨୨।୯**

ମୟୂରଭଞ୍ଜ ଜିଲାରେ କରୋନା ମହାମାରୀ ଆକ୍ରାନ୍ତଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବା ସହ ମୃତ୍ୟୁ ସଂଖ୍ୟା ବଢ଼ିବାରେ ଲାଗିଛି । ସ୍ଥାନୀୟ ଆକ୍ରାନ୍ତଙ୍କ ସଂଖ୍ୟା ବେଶୀ ରହୁଥିବାରୁ ଏହା କାୟା ବିସ୍ତାର କରୁଛି । ଏହାକୁ ଦୃଷ୍ଟିରେ ରଖି ବିଭିନ୍ନ ସଙ୍ଗଠନ ପକ୍ଷରୁ ବାରିପଦା ସହର ବଜାର ବନ୍ଦ କରିବାକୁ ନିଷ୍ପତ୍ତି ନେଇଛନ୍ତି।

ବାରିପଦା ନାଗରିକ କ୍ରିୟାନୁଷ୍ଠାନ କମିଟିର ଆହ୍ୱାନକ୍ରମେ ଆସନ୍ତା ଶୁକ୍ରବାରଠାରୁ ଅକ୍ଟୋବର ୧ତାରିଖ ପର୍ଯ୍ୟନ୍ତ ବାରିପଦା ସହର ଏବଂ ଆଖପାଖ ଅଞ୍ଚଳର ସମସ୍ତ ଦୋକାନ ବଜାର ବନ୍ଦ କରିବାକୁ ଅନୁରୋଧ କରାଯାଇଛି। ଏହି ସମୟରେ ଅତ୍ୟାବଶ୍ୟକ ସାମଗ୍ରୀ ଯଥା କ୍ଷୀର, ଔଷଧ ଓ ପେଟ୍ରୋଲ ପମ୍ପ ଆଦି ଖୋଲା ରଖାଯିବ ବୋଲି ଜଣାଯାଇଛି । ସେହିପରି ଓକିଲ ସଂଘ ପକ୍ଷରୁ କଚେରି କାର୍ଯ୍ୟକୁ ୭ଦିନ ବନ୍ଦ କରିବା ନେଇ ବାର୍ ଆସୋସିଏସନ ପକ୍ଷରୁ କୁହାଯାଇଛି। ଆସନ୍ତା ୨୮ତାରିଖ ପର୍ଯ୍ୟନ୍ତ ଓକିଲମାନେ କୋର୍ଟକୁ ଆସିବେ ନାହିଁ କିମ୍ବା କୌଣସି କାର୍ଯ୍ୟ କରିବେ ନାହିଁ ବୋଲି ସଂଘ ବୈଠକରେ ନିଷ୍ପତ୍ତି ହୋଇଛି । ଫଳରେ ମଙ୍ଗଳବାରଠାରୁ କଚେରି ବନ୍ଦ ପଡିଥିବା ଦେଖିବାକୁ ମିଳିଛି । ସେହିପରି ବଣିକ ସଂଘ ପକ୍ଷରୁ ୨୯ତାରିଖ ସକାଳ ୬ଟାରୁ ୨୯ତାରିଖ ରାତି ୧୨ଟା ପର୍ଯ୍ୟନ୍ତ ବନ୍ଦ କରିବାର ନିଷ୍ପତ୍ତି ନେଇଛନ୍ତି । ଏହି ବନ୍ଦରେ ସମସ୍ତଙ୍କ ସହଯୋଗ କାମନା କରାଯାଇଛି।

# ସ୍ୱାଧୀନତା ସଂଗ୍ରାମୀଙ୍କ ପରଲୋକ

**ସୋର, ୨୨।୯(ଡି.ଏନ.ଏ.)**

ବାଲେଶ୍ୱର ଜିଲା ସୋର ବ୍ଲକ ଅଧୀନ ବାଲଙ୍ଗ ପଞ୍ଚାୟତ ରେଓଦା ଗ୍ରାମର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ପ୍ରସାଦ ବେହେରା(୯୬)ମଙ୍ଗଳବାର ବାର୍ଦ୍ଧକ୍ୟଜନିତ ରୋଗରେ ତାଙ୍କ ପୈତୃକ ବାସଭବନରେ ପରଲୋକ ହୋଇଯାଇଛି। ସୋର ଥାନା ଭାରପ୍ରାପ୍ତ ଅଧିକାରିଣୀ ମଧୁମିତା ମହାନ୍ତି, ଏସ୍‌ଆଇ ସଚ୍ଚିଦାନନ୍ଦ ଗିରି, ଏଏସ୍‌ଆଇ ପ୍ରତାପ କାଲୋଙ୍କ ସହ ବାଲେଶ୍ୱରରୁ ଆସିଥିବା ଜଣେ ହାବିଲଦାର, ବିଗୁଲର୍ ଓ ୪ଜଣ ଏପିଆର୍ ଫୋର୍ସ ତାଙ୍କ ଗ୍ରାମରେ ପହଞ୍ଚି ସଶସ୍ତ୍ର ସଲାମୀ ଦେବା ପରେ ତାଙ୍କର ସଂସ୍କାର କରାଯାଇଥିଲା। ସ୍ୱର୍ଗତ ବେହେରା ୧୯୩୭ ମସିହାରେ ଗାନ୍ଧୀଜିଙ୍କର ଡାକରାରେ ସ୍ୱାଧୀନତା ସଂଗ୍ରାମରେ ସାମିଲ ହୋଇ କାରାବାସ ଭୋଗିଥିଲେ। ତାଙ୍କ ବିୟୋଗରେ ପାଖର ବଜାରର ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରହିଥିଲା। ଏହି ଖବର ପ୍ରଚାରିତ ହେବା ପରେ ବରିଷ୍ଠ ଯୁବନେତା ରାକେଶ ମଲ୍ଲିକଙ୍କ ସହ ସୋର ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରି ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା ଜଣାଇଥିଲେ।

# ଖାଉଟି ସୁରକ୍ଷା ଯୋଜନାରେ ସାମିଲ ହେଲେ ଆଦିବାସୀ ପରିବାର

**ଚମ୍ପୁଆ,୨୨।୯(ଡି.ଏନ.ଏ)**

ଖାଉଟି ସୁରକ୍ଷା ଯୋଜନାରୁ ବଞ୍ଚିତ ଆଦିବାସୀ ପରିବାର ଶୀର୍ଷକ ଖବର ପ୍ରକାଶିତ ପରେ ଚମ୍ପୁଆ ବ୍ଲକ ଯୋଗାଣ ବିଭାଗ ପକ୍ଷରୁ ଖାଉଟି ସୁରକ୍ଷା କାର୍ଡ ଯୋଗାଇ ଦିଆଯାଇଛି। ପୂର୍ବରୁ ଏ ନେଇ ଆବଶ୍ୟକ କାର୍ଯ୍ୟ କରାଯାଇଥିବା ବେଳେ କେତେକ ସାମାନ୍ୟ ତ୍ରୁଟି ପାଇଁ ଏହା ହୋଇ ପାରୁ ନ ଥିଲା । କିନ୍ତୁ ତୁରନ୍ତ ପଦକ୍ଷେପ ନେଇ ଏହା କରାଯାଇଥିବା ଯୋଗାଣ ନିରୀକ୍ଷକ ତାରିଣୀ ମିଶ୍ର ସୂଚନା ଦେବା ସହିତ କାର୍ଡ ପ୍ରଦାନ କରିଛନ୍ତି। ଖବର ଅନୁସାରେ ଚମ୍ପୁଆ ବ୍ଲକ ଅନ୍ତର୍ଗତ ବଡନଇ ପଞ୍ଚାୟତର ଆଦିବାସୀ ସାଗର ମୁଣ୍ଡା ପରିବାରକୁ ଦୀର୍ଘଦିନ ହେବ ଖାଉଟି ସୁରକ୍ଷା ଯୋଜନାରେ ସାମିଲ କରାଯାଉ ନ ଥିଲା। ବାରମ୍ବାର ଆବେଦନ ପରେବି ଏହା ହୋଇପାରୁନଥିବା ଗଣମାଧ୍ୟମ ଆଗରେ ସାଗର ମୁଣ୍ଡା ପ୍ରକାଶ କରିବା ପରେ ଏହା ପ୍ରକାଶିତ ହୋଇଥିଲା। କିନ୍ତୁ ଏହି କାର୍ଡ ମିଳିବାପରେ ସେ ସ୍ଥାନୀୟ ସରପଞ୍ଚ ହିମାଂଶୁ ଶେଖର ଶୟ ଓ ଅନ୍ୟ ପ୍ରମୁଖ ଅଧିକାରୀଙ୍କୁ ସାଧୁବାଦ ଜଣାଇଛନ୍ତି।

# ବେଆଇନ ମୋରମ ଉଠାଣ: ୩ ଟ୍ରାକ୍ଟର ଜବତ

**କେନ୍ଦୁଝର, ୨୨।୯(ସ୍ୱ.ପ୍ର./ଡି.ଏନ.ଏ.)**



ଜବତ ଟ୍ରାକ୍ଟର।

କେନ୍ଦୁଝର ସଦର ତହସିଲ ଅନ୍ତର୍ଗତ ତୁଳସୀଚଉଁରାରେ ବେଆଇନ ମୋରମ ଉଠାଣ କରୁଥିବା ୩ ଟ୍ରାକ୍ଟରକୁ ଏନଫୋର୍ସମେଣ୍ଟ ସ୍କାର୍ଡ ଜବତ କରିଛି। ଏହି ଖାଦାନରୁ ବେଆଇନ ଭାବେ ମୋରମ ଚୋରାଚାଲାଣ ହେଉଥିବା ଖବରପାଇ ସଦର ତହସିଲଦାର ଆଶିଷ ମହାପାତ୍ର ଏବଂ ଟାଉନ ଥାନା ପୋଲିସ ମଙ୍ଗଳବାର ସକାଳେ ଅତର୍କିତ ଚଢ଼ାଉ କରିଥିଲେ। ଚଢ଼ାଉ ସମୟରେ ମୋରମ ବୋଝେଇ ୩ ଟ୍ରାକ୍ଟର ଜବତ କରିବା ସହ ସେମାନଙ୍କଠାରୁ ୬୦ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ପୂର୍ବରୁ ଏହି ସ୍ଥାନରେ ବେଆଇନ ଭାବେ ମୋରମ ନେଉଥିବା ବେଳେ ମାଟି ଅତଡା ଖସି ୩ଜଣ ମୃତ୍ୟୁବରଣ କରିଥିଲେ। ଦୀର୍ଘଦିନ ହେବ ସ୍ଥାନୀୟ କେତେଜଣ ଲୋକ ଏବଂ ଟ୍ରାକ୍ଟର ମାଲିକ ନିୟମିତ ଭାବେ ମୋରମ ଚୋରି କରିଆସୁଥିଲେ।

ଉଲ୍ଲେଖନୀୟ ଯେ, ବିନା ଲିଜ୍‌ରେ ଜଙ୍ଗଲାଞ୍ଚଳ ଏବଂ ବହୁ ହୁଡିରୁ ମୋରମ, ମାଟି, ପଥର ତାଡି ନେଇ ବ୍ୟବହାର କରାଯାଉଥିବାରୁ ପରିବେଶ ନଷ୍ଟ ହେଉଛି। ବନ୍ୟପ୍ରାଣୀ, ଗୃହପାଳିତ ପ୍ରାଣୀ ତଥା ଜଙ୍ଗଲ ଭିତରକୁ କାଠପତ୍ର ତୋଳିବାକୁ ଯାଉଥିବା ବନବାସୀ ଏହାଦ୍ୱାରା କ୍ଷତିଗ୍ରସ୍ତ ହେବା ଆଶଙ୍କା ଦେଖାଦେଇଛି। ଚଢ଼ାଉ ସମୟରେ ଅତିରିକ୍ତ ତହସିଲଦାର ରଘୁନାଥ ଟୁଡୁ, ସଦର ଆର୍‌ଆଇ ଭୋଳେଶ୍ୱର ପାତ୍ର ଓ ଏଆର୍‌ଆଇ ମନୋଜ ମହାନ୍ତ ପ୍ରମୁଖ ସାମିଲ ଥିଲେ।

# ୭ବର୍ଷ ପରେ ଦୂର ହେବ ଲାଇଫଲାଇନ୍ ସମସ୍ୟା

**ବାଲେଶ୍ୱର ଅଫିସ, ୨୨।୯**

ବାଲେଶ୍ୱର ତଥା ଉତ୍ତର ଓଡ଼ିଶାର ଲାଇଫ୍‌ଲାଇନ କୁହାଯାଉଥିବା ଫକୀରମୋହନ ଗୋଲେଇସ୍ଥିତ ଓଭରବ୍ରିଜ୍‌ରେ ଦୀର୍ଘଦିନ ଧରି ଲୋକେ ବିପଦସଙ୍କୁଳ ଅବସ୍ଥାରେ ଯା'ଆସ କରୁଥିଲେ। ଏହାକୁ ମରାମତି ନେଇ ଦୀର୍ଘ ୭ବର୍ଷ ଧରି ବିଭିନ୍ନ ସଙ୍ଗଠନ ପକ୍ଷରୁ ଦାବି କରାଯାଉଥିଲା। ଦେଢ଼ବର୍ଷ ପୂର୍ବରୁ ଏହାର ମରାମତି ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ୫କୋଟି ୫୨ଲକ୍ଷ ୪୪ହଜାର ୮୩୧ଟଙ୍କାର ଟେଣ୍ଡର ହୋଇଥିଲା। ଦିଲ୍ଲୀର ହର୍‌କୋଲାସ୍ ଷ୍ଟ୍ରକ୍ଚରାଲ ସିଷ୍ଟମ୍ ପ୍ରାଇଭେଟ୍ ଲିମିଟେଡ୍ ନାମକ କମ୍ପାନୀ ଏହି ଟେଣ୍ଡର ଗ୍ରହଣ କରିଥିଲା। କିନ୍ତୁ ଓଭରବ୍ରିଜ୍ ତଳେ ଥିବା ୨ଶହରୁ ଊର୍ଦ୍ଧ୍ୱ ଦୋକାନ ଗୃହକୁ ଉଚ୍ଛେଦ କରିବା ପାଇଁ ସ୍ଥାନୀୟ ପ୍ରଶାସନ ବିଫଳ ହେଉଥିବାରୁ କାର୍ଯ୍ୟାରମ୍ଭରେ ବିଳମ୍ବ ହୋଇଆସୁଥିଲା। କିଛିଦିନ ପୂର୍ବରୁ ସମସ୍ତ ଦୋକାନୀଙ୍କୁ ଉଚ୍ଛେଦ ପାଇଁ ନୋଟିସ ହୋଇଥିବା ବେଳେ ଖୁବ୍‌ଶୀଘ୍ର କାର୍ଯ୍ୟାରମ୍ଭ ହେବ ବୋଲି ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ପ୍ରକାଶ କରିଛନ୍ତି।

ଜାନୁୟାରୀ ପ୍ରଥମ ସପ୍ତାହରୁ କାମ ଆରମ୍ଭ ହୋଇ ବର୍ଷେ ଭିତରେ କାମ ସାରିବାକୁ ସମୟସୀମା ରହିଥିଲା। ହେଲେ ଉଚ୍ଛେଦକୁ ନେଇ ବହୁ ବାଦବିବାଦ ରହିବାରୁ କାମ ଆରମ୍ଭ ହୋଇପାରୁ ନ ଥିଲା। ଫଳରେ ଯେଉଁ ଅବଧି ବି ଥିଲା ତାହା ସରିବାକୁ ବସିଲାଣି। ଏହି ସମୟସୀମାକୁ ବଢ଼ାଇ କାମ ୧୫ମାସ ଭିତରେ ସାରିବାକୁ ଲକ୍ଷ୍ୟ ରଖାଯାଇଛି। ସେହିପରି ବ୍ରିଜ୍‌ର କାମ ପର୍ଯ୍ୟାୟ ଅନୁସାରେ ହେବ। ଟେଣ୍ଡର ନେଇଥିବା କମ୍ପାନୀ କର୍ମଚାରୀମାନେ ଆସି ୫ଦିନ ହେଲା ରହିଛନ୍ତି। ବ୍ରିଜ୍ ଉପରେ ଫଳକ ଲଗାଯିବା ସହିତ ବ୍ରିଜ୍‌ର ଛୋଟ ଛୋଟ କାମ ବି ଆରମ୍ଭ ହେଲାଣି। ହେଲେ ଦୋକାନ ଉଚ୍ଛେଦ ହେଲେ କାମ ସମ୍ପୂର୍ଣ୍ଣ ଆରମ୍ଭ ହେବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ନିର୍ବାଚନ ପୂର୍ବରୁ ଏହି କାମ ଆରମ୍ଭ କରିବାକୁ ପ୍ରଶାସନ ପକ୍ଷରୁ ଉଦ୍ୟମ ଜାରି ରହିଛି।

# ଆର୍ଥିକ ଅନିୟମିତତା ବିରୋଧରେ ପ୍ରତୀକ ଧାରଣା

**ଭଦ୍ରକ ଅଫିସ, ୨୨।୯**

ଭଦ୍ରକ ବ୍ଲକ ସମ୍ମୁଖରେ ମଙ୍ଗଳବାର ବନ୍ଧଗାଁ ପଞ୍ଚାୟତର ଏକ ମହାଂସଘରେ ଆର୍ଥିକ ଅନିୟମିତତା ହୋଇଥିବା ଜଗାକାଳିଆ ଆଞ୍ଚଳିକ ମଞ୍ଚର ସଭ୍ୟା ମାନେ ଅଭିଯୋଗ କରିବାସହ ଏହାର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଦାବିରେ ପ୍ରତୀକ ଧାରଣା ଦେଇଥିବା ଜଣାପଡ଼ିଛି। ଉକ୍ତ ମହାସଂଘର ସଭାନେତ୍ରୀ ଓ କର୍ମକର୍ତ୍ତା ମାନେ ଦୀର୍ଘ ୮ ବର୍ଷ ଧରି ବିଭିନ୍ନ ପଦରେ ରହି ଆସିବା ସହ ଆର୍ଥିକ ଅନିୟମିତତା କରି ଆସିଛନ୍ତି। ଏହାକୁ ଆଞ୍ଚଳିକ ମଞ୍ଚର ସଭ୍ୟା ମାନେ ବିରୋଧ କରିବାରୁ ସେମାନଙ୍କୁ ବିଭିନ୍ନ ଗାଳି ଗୁଲଜ କରିବା ସହ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। କାର୍ଯ୍ୟକାଳ ପୂରି ଯାଇଥିଲେ ମଧ ଉଦ୍ଦେଶ୍ୟମୂଳକ ଭାବେ ନିର୍ବାଚନ ନ କରାଇବା କାରଣରୁ ମଞ୍ଚ ପକ୍ଷରୁ ବିଭାଗୀୟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ନିଆଗଲା ନାହିଁ। ଏହି ଅନିୟମିତତା ସମ୍ପର୍କରେ ଜିଲାପାଳ, ବିଡିଓ, ପିଡି, ଓଏଲ୍‌ଏମ୍, ବିପିଏମ୍‌ଙ୍କୁ ଜଣାଇଥିଲେ ମଧ କୌଣସି ପଦକ୍ଷେପ ନିଆଗଲା ନାହିଁ। ଫଳରେ ମଙ୍ଗଳବାର ବାଧ ହୋଇ ଭଦ୍ରକ ବିଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମହିଳା ମାନେ ଧାରଣାରେ ବସିଥିବା ଜଣାପଡ଼ିଛି। ଅଞ୍ଜନା ସେଠୀ, ସାବିତ୍ରୀ ନାୟକ, ସବିତା ସେଠୀ, ଅନ୍ନପୂର୍ଣ୍ଣା ଜେନା, ପ୍ରମୁଖ ଧାରଣାରେ ବସିଥିବା ଜଣାପଡ଼ିଛି।



ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ମହିଳାଙ୍କ ଧାରଣା।

# ଅର୍ଥ ଆଦାୟ କରି ରାସ୍ତା ନିର୍ମାଣ କଲେ ଗ୍ରାମବାସୀ

**ଜଳେଶ୍ୱର, ୨୨।୯(ସ୍ୱ.ପ୍ର.)**

ବାଲେଶ୍ୱର ଜିଲା ଜଳେଶ୍ୱର ମ୍ୟୁନିସିପାଲଟି ୫ନଂ. ୱାର୍ଡ଼ ରେଳଷ୍ଟେଶନର ମାଲଗୋଦାମ ପାଖ ସେକ୍‌ବାର୍ଡ଼ର କେତେକ ଅଞ୍ଚଳକୁ ନେଇ ୪୦ବର୍ଷ ପୂର୍ବେ ଗଢ଼ିଉଠିଥିଲା ଜନବସତି। ଏଥିରେ ପ୍ରାୟ ୧୦୦ ପରିବାର ବାସ କରିଆସୁଛନ୍ତି। ମାତ୍ର ଉକ୍ତ ସାହିକୁ କୌଣସି ସର୍ବସାଧାରଣ ରାସ୍ତା ନ ଥିବାରୁ ଗ୍ରାମବାସୀ ବିଭିନ୍ନ ସମୟରେ ଜିଲାପାଳ, ତହସିଲଦାର, ଡିଆର୍‌ଏମ୍, ଜନପ୍ରତିନିଧି ଏବଂ ମ୍ୟୁନିସିପାଲଟିରେ ବାରମ୍ବାର ଦାବି ଓ ଅନୁରୋଧ କରି ଆସୁଥିଲେ। ହେଲେ କେହି କର୍ଣ୍ଣପାତ କଲେ ନାହିଁ। ଗ୍ରାମବାସୀ ରେଳଷ୍ଟେଶନରୁ ୪ନଂ. ପ୍ଲାଟଫର୍ମ ଦେଇ ଯିବା ଆସିବା କରୁଥିବା ବେଳେ ଗତ ମାର୍ଚ୍ଚରୁ ଲକ୍‌ଡାଉନ୍ ଓ ଶଟ୍‌ଡାଉନ ଯୋଗୁ ରେଳବାଇ ନିଜ ସ୍ଥାନକୁ ବାଡ଼ କରିଦେଇଥିଲା। ଗ୍ରାମବାସୀ ପଙ୍କିଳ ହିଡ଼ ରାସ୍ତାରେ ଯାତାୟାତ କରି ଆସୁଥିଲେ। ଶେଷରେ ଗ୍ରାମବାସୀ ନିଜ ମଧ୍ୟରେ ଅର୍ଥ ସଂଗ୍ରହ କରି ଜମି କିଣିବା ସହ ଅନ୍ୟ କେତେଜଣ ବ୍ୟକ୍ତି ଜମିଦାନ କରିବାରୁ ରାସ୍ତା ନିର୍ମାଣ ହୋଇପାରିଛି।

ସେମାନେ ନିଜ ଉଦ୍ୟମରେ, ନିଜ ଶ୍ରମରେ ଏହି ରାସ୍ତା ନିର୍ମାଣ କରିଛନ୍ତି। ଗ୍ରାମ୍ୟ ମୁଖ୍ୟ ଗଣେଶ ଚନ୍ଦ୍ର ଜେନା ଉଦ୍‌ଘାଟନ କରିଛନ୍ତି। ଏହି ରାସ୍ତାର ନାମ ମାଲଗୋଦାମ-ସୁଗମପଥ ନାମରେ ନାମିତ କରାଯାଇଛି। ଗଠିତ କମିଟି ସଭାପତି ଗୋପୀନାଥ ବେହେରା, ସମ୍ପାଦକ ହରେନ୍ଦ୍ର ବେହେରା, ଯୁଗ୍ମ ସମ୍ପାଦକ ରମାକାନ୍ତ ବେହେରା, ଚିତ୍ତରଞ୍ଜନ ବେହେରା, ଏମ୍ ଗମ୍ପୁ, କେ. ସାରଥି, କାର୍ତ୍ତିକଚନ୍ଦ୍ର ସାହୁ, ବାୟା ମାନ୍ନା, ସେକ୍ ହାପୁ, ମନୋରଞ୍ଜନ ଜେନା, ସେକ୍ ଲାଲୁ, ରତିକାନ୍ତ ଭୂୟାଁ, ହରିହର ଭୂୟାଁ, ସତ୍ୟଶିବ ଭୂୟାଁ, ସେକ୍ ରାଜୁ, ଈସନ୍ ଖାଁ, କାହ୍ନୁ ବେହେରା ପ୍ରମୁଖ ନିକଟସ୍ଥ ପଙ୍କେଶ୍ୱର ମହାଦେବ ମନ୍ଦିରରେ ପୂଜାର୍ଚ୍ଚନା କରିବା ସହ ରାସ୍ତାକୁ ଲୋକାର୍ପିତ କରିଛନ୍ତି।



ଗ୍ରାମବାସୀଙ୍କ ଅର୍ଥରେ ନିର୍ମାଣ ହୋଇଥିବା ରାସ୍ତା।

